# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 November – 2025

*************************************

## ମୁଖ୍ୟ ସମ୍ବାଦ

- ନୂତନ ଶ୍ରମ ଆଇନ୍‌ଗୁଡ଼ିକ ମହିଳା ଓ ଯୁବବର୍ଗଙ୍କ ଲାଗି ଆର୍ଥିକ ସୁଯୋଗ ସୁନିଶ୍ଚିତ କରିବ; କହିଲେ ପ୍ରଧାନମନ୍ତ୍ରୀ
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକ ଜିଲ୍ଲାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୨୨ଟି ଉନ୍ନୟନମୂଳକ ପ୍ରକଳ୍ପର କଲେ ଶିଳାନ୍ୟାସ
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୪ତମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଜି ପାଳନ କରାଯାଉଛି ଓଡ଼ିଶା ରାଜ୍ୟ ଦିବସ
- ମହାନ ବିପ୍ଳବୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

# ଶୂନ୍ୟ ମୃତାହତ ପକ୍ଷ

**ଢେଙ୍କାନାଳ** ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି । ପ୍ରତିଟି ଜୀବନ ମୂଲ୍ୟବାନ, ଏଥିପାଇଁ ରାସ୍ତାରେ ଗାଡିଚାଳନା ସମୟରେ ସାବଧାନତା ଓ ସଚେତନତା ବଜାୟ ରଖିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ।

# ପିଏମ୍-ଲେବର କୋଡ୍ସ

ଦେଶରେ ଶ୍ରମ ଆଇନ୍‌ଗୁଡ଼ିକୁ ଅଧିକ ସରଳ ତଥା ସୁସଂହତ କରିବା ଉଦ୍ଦେଶ୍ୟରେ ସରକାର ଗତକାଲିଠାରୁ ଚାରୋଟି ନୂତନ ଶ୍ରମ ସଂହିତା ଲାଗୁ କରିଛନ୍ତି । ସେଗୁଡ଼ିକ ହେଲା – ମଜୁରୀ ସଂହିତା ୨୦୧୯, ଔଦ୍ୟୋଗୀକ ସମ୍ପର୍କିତ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା ସଂହିତା ୨୦୨୦ । ନୂତନ ଆଇନ୍ ଅନୁସାରେ ଶ୍ରମିକମାନଙ୍କ ପାଇଁ ଏକ ବୈଧାନିକ ମଜୁରୀ ଧାରଣାର ପ୍ରଚଳନ କରାଯାଇଛି । କୌଣସି ରାଜ୍ୟ ସରକାର ଅଧିସୂଚିତ ସର୍ବନିମ୍ନ ମଜୁରୀଠାରୁ କମ୍ ମଜୁରୀ ସ୍ଥିର କରିପାରିବେ ନାହିଁ । ଲିଙ୍ଗଭିତ୍ତିରେ ସମାନ କାମ ପାଇଁ ସମାନ ମଜୁରୀର ନୀତି ମଧ୍ୟ ଆଇନ୍‌ରେ ବ୍ୟବସ୍ଥା ରହିଛି । ପ୍ରଥମ ଥର ଅପରାଧ ପାଇଁ ଫୌଜଦାରୀ ଦଣ୍ଡକୁ ଦେଓ୍ୱାନୀ ଦଣ୍ଡ ସହିତ ବଦଳା ଯିବା ଦ୍ୱାରା ଏହା ଆଇନ୍‌କୁ ଅଧିକ ଅନୁପାଳନଭିତ୍ତିକ କରିବାରେ

ସହାୟକ ହୋଇପାରିବ। ନୂତନ ନିୟମରେ ପ୍ରତ୍ୟେକ ମହିଳା କର୍ମଚାରୀ ଯେଉଁମାନେ ପ୍ରସବର ଠିକ୍ ପୂର୍ବରୁ ୧୨ ମାସ ମଧ୍ୟରେ ଅତି କମ୍‌ରେ ୮୦ ଦିନ କାମ କରିଛନ୍ତି, ସେମାନେ ପ୍ରସୂତି ଛୁଟି ପାଇଁ ଯୋଗ୍ୟ ବିବେଚିତ ହେବେ। ମାତୃତ୍ୱ ଛୁଟି ନେବାପରେ କର୍ମସ୍ଥଳିକୁ ଫେରିଥିବା ମହିଳା କର୍ମଚାରୀଙ୍କୁ ଘରୁ କାମ କରିବାର ବ୍ୟବସ୍ଥା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରଶଂସା କରି କହିଛନ୍ତି, ଏହି ସଂହିତାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ଏବଂ ଠିକ ସମୟରେ ମଜୁରୀ ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ସର୍ବସାଧାରଣ ବିଶେଷ କରି ମହିଳା ଓ ଯୁବବର୍ଗଙ୍କ ଲାଗି ଆର୍ଥିକ ସୁଯୋଗ ସୁନିଶ୍ଚିତ କରିବ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ନୂତନ ଶ୍ରମ ସଂହିତାର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଶ୍ରମିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସଂହିତାଗୁଡ଼ିକ ଶ୍ରମ ଆଇନ୍ ଇତିହାସରେ ସବୁଠାରୁ ବଡ଼ ସଂସ୍କାର ବୋଲି ଶ୍ରୀ ଶାହ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦେଶର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଏବଂ ସମାନ ଭବିଷ୍ୟତ ପାଇଁ ସରକାର ଏକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହା, ଶ୍ରମିକମାନଙ୍କୁ ନ୍ୟାୟପୂର୍ଣ୍ଣ ମଜୁରୀ, ସୁରକ୍ଷିତ କର୍ମକ୍ଷେତ୍ର ଏବଂ ଦୀର୍ଘକାଳିନ ସାମାଜିକ ସୁରକ୍ଷାକୁ ନିଶ୍ଚିତ କରୁଛି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି **ଭଦ୍ରକ** ଜିଲ୍ଲା ଧାମନଗର ଗସ୍ତରେ ଯାଇ  ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଏକତା ପଦଯାତ୍ରାରେ ଯୋଗଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ସର୍ଦ୍ଦାର ପଟେଲଙ୍କ ଜୀବନକାହାଣୀ ଏକ ନବଜାତ ରାଷ୍ଟ୍ର ସଂଗଠନ ଓ ସମୃଦ୍ଧିର ଗାଥା ବହନ କରେ। ଓଡ଼ିଶା ସମେତ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ତାଙ୍କର ତ୍ୟାଗ ଅତୁଳନୀୟ। ଆଗାମୀ ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ସମସ୍ତଙ୍କୁ ଏକତ୍ର କାର୍ଯ୍ୟ କରବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

**- V/O -(**ଧର୍ମେନ୍ଦ୍ର ପ୍ରଧାନ**)**

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ  ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨୨ଟି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଭଦ୍ରକ ଜିଲ୍ଲା ଧାମନଗର ଗୋହିରା-ଟିକିରାଠାରେ ଥିବା ଅର୍ଜୁନ ଗଛ ପାଖରେ ସ୍ଥାପିତ ମହାବୀର ହନୁମାନ ପୀଠର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାଣିଜ୍ୟମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଜି ଓଡ଼ିଶା ରାଜ୍ୟ ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି

ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମୁକ୍ତାକାଶ ରଙ୍ଗମଂଚରେ ଓଡ଼ିଶାର ସାଂସ୍କୃତିକ ବିଭବ ସମ୍ବଲପୁରୀ ନୃତ୍ୟନାଟିକା, ପଶୁମୁଖା ନୃତ୍ୟ, ଘୁମୁରା ନୃତ୍ୟ, ଜନାଜାତି ନୃତ୍ୟ ଆଦି ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଲକ୍ଷ୍ମଣ ନାୟକ ଜୟନ୍ତୀ

ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଆଜି ପାଳନ କରାଯାଉଛି । ଶହୀଦ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ତାଙ୍କର ଅଞ୍ଚଳରେ ଲୋକମାନଙ୍କୁ ସ୍ୱାଧୀନତାର ଚିନ୍ତାଧାରାରେ ପ୍ରେରିତ ହେବା ସହିତ ନିର୍ଭୀକ ହେବା ପାଇଁ ପ୍ରବର୍ତ୍ତାଉଥିଲେ । ଅହିଂସା ମାର୍ଗରେ ପରିଚାଳିତ ହେବା ଏବଂ ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଯାପନ କରିବାର ବାର୍ତ୍ତା ପ୍ରଚାର କରୁଥିବାରୁ ତାଙ୍କୁ ମାଲକାନଗିରିର ଗାନ୍ଧୀ ବୋଲି କୁହାଯାଉଥିଲା ।

ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣନାୟକଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ ପ୍ରଦାନ କରି କହିଛନ୍ତି, ଓଡ଼ିଶା ଆଦିବାସୀ ଜନଜାତିଙ୍କ ଗାନ୍ଧୀ, ବୀରପୁତ୍ର ସହିଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶ, ନୂତନ ପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ ।

**- V/O -(**ସୁରମା ପାଢ଼ୀ

ଭୁବନେଶ୍ୱର ଜୟଦେବ ଭବନରେ ସନ୍ଧ୍ୟାରେ  ହେବାକୁଥିବା ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକମାନେ ଯୋଗଦେବେ । ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଜନଜାତି ସଂଗୀତ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି ।

**ନବରଙ୍ଗପୁର**ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ  ଉତ୍ସବରେ ସ୍ମୃତିସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**ରାୟଗଡ଼ା**ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଯୋଗଦେଇ ସହିଦ୍ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପତ୍ରଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି ।

**ମାଲକାନଗିରି** ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସହିଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ ।

# ସିଏମ୍-କିଷାନ

ସିଏମ୍-କିଷାନ ଯୋଜନାର ବାଧ୍ୟତାମୂଳକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ହିତାଧିକାରୀଙ୍କ ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ଧାର୍ଯ୍ୟ କରାଯାଇଛି। ହିତାଧିକାରୀମାନେ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ କରିବାକୁ ପଡିବ। ଏହା ବ୍ୟତୀତ କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜୀକରଣ କରିବାକୁ ହେବ। ଏହି ଆବଶ୍ୟକତାକୁ ପୂରଣ କରିବା ପରେ ହିତାଧିକାରୀମାନେ ଆଧାର ଲିଙ୍କ ଥିବା ମୋବାଇଲ୍ ନମ୍ବର ଜରିଆରେ ଇ-କେଓ୍ୱାଇସି ସହିତ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍-କିଷାନ ପୋର୍ଟାଲରେ ପଞ୍ଜୀକରଣ କରାଇବାକୁ କୁହାଯାଇଛି। ଅଧିକ ସୂଚନା ପାଇଁ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ରଥକାଠ ଅନୁକୂଳ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ନିମନ୍ତେ ଆଜି ରଥକାଠ ଅନୁକୂଳ ପୂଜା ପାଇଁ ଶୁଭ ଦିନ ନିର୍ଘଣ୍ଟ ହୋଇଛି। ପରମ୍ପରା ଅନୁଯାୟୀ, **ନୟାଗଡ଼** ଜିଲ୍ଲା ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ରଥକାଠ ଅନୁକୂଳ କରାଯିବା ସହ ପ୍ରଥମ ରଥକାଠ ଯୋଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପୂଜା ପ୍ରତିବର୍ଷ ପୌଷମାସ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥାଏ। ଆସନ୍ତା ଡିସେମ୍ବର ମାସ ୨୩ ଓ ୩୦ ଦୁଇଟି ତାରିଖରେ ପାଞ୍ଜିଗଣନା ଅନୁଯାୟୀ ଶୁଭ ଦିନ ନିର୍ଦ୍ଧାରଣ କରାଯାଇଛି।

# ଏକତା ପଦଯାତ୍ରା

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ **ଦେବଗଡ଼** ଇନ୍ଦିରା ଗାନ୍ଧି ଷ୍ଟାଡିୟମଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଏକତା, ଦେଶଭକ୍ତି ସମାଜ ପ୍ରତି ନୂତନ ପ୍ରେରଣା ସୃଷ୍ଟି କରିଥାଏ ବୋଲି କହିଛନ୍ତି।

# କୋଣାର୍କ ଉତ୍ସବ

୩୬ତମ କୋଣାର୍କ ଉତ୍ସବ ଏବଂ ୧୫ତମ ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବ ଆସନ୍ତା ଡିସେମ୍ବର ମାସ ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହେବ । ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଶାସ୍ତ୍ରୀୟ ନୃତ୍ୟ ଏବଂ ଅନ୍ତର୍ଜାତୀୟ ସ୍ତରର ବାଲୁକାଶିଳ୍ପୀଙ୍କୁ ନେଇ ବାଲୁକାକଳା ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାର ଆୟୋଜନ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତିକରି ସୋମବାର ଆଡ଼କୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ

ନେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ପାଣିପାଗ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଆସନ୍ତା ବୁଧବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ୨୮ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ । ଓଡ଼ିଶା-ଆନ୍ଧ୍ର ଉପକୂଳ ଦିଗରେ ବାତ୍ୟା ଗତି କରିବାର ସମ୍ଭାବନା ନେଇ ଆକଳନ କରାଯାଇଥିଲେ ମଧ୍ୟ ଏହା ସ୍ଥଳଭାଗ ଛୁଇଁବା ନେଇ କୌଣସି ସଠିକ୍ ଆକଳନ କରାଯାଇ ପାରିନାହିଁ ।